## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଭାଜପା ପକ୍ଷରୁ ଟିପିଏସଓଡିଏଲ ସିଇଓଙ୍କୁ ଦାବି ପତ୍ର। ସ୍ଥାନ- ଟିପିଏସ୍ଓଡିଏଲ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା ୧୫।

# ଦୌଡ଼କୁଦ ନିମନ୍ତେ ଭିତ୍ତିଭୂମିର ଅଭାବ

**ଆଜି ଜାତୀୟ କ୍ରୀଡ଼ା ଦିବସ**

■କ୍ରୀଡ଼ାବିତ୍‌ଙ୍କ ପାଇଁ ନାହିଁ ଉପକରଣ

ବ୍ରହ୍ମପୁର ଅଫିସ,୨୮।୮

ପ୍ରତିବର୍ଷ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କ୍ରୀଡ଼ା ତଥା କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ୨୦୧୨ରୁ ଏହି ଦିବସ ପାଳନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ବହୁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ନିର୍ବାଚନ ସମୟରେ ଓ ଏହାପରେ ମଧ୍ୟ ରାଜ୍ୟ ସରକାର ବ୍ରହ୍ମପୁର ସହରରେ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ କେବଳ ଇନ୍‌ଡ଼ୋର ଷ୍ଟାଡ଼ିୟମର ପରିସର ଓ ଇନ୍‌ଡୋର କ୍ରୀଡ଼ା ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଆଉଟଡୋର କ୍ରୀଡ଼ାର ବିକାଶକୁ ଭୁଲି ଯାଇଥିବା କ୍ରୀଡ଼ାବିତଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଯାହାଦ୍ୱାରା ଦୌଡ଼କୁଦ କ୍ରୀଡ଼ାରେ ରୁଚି ଓ ଦକ୍ଷତା ଥିବା ବହୁ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ସହରରେ ଦୌଡ଼କୁଦ କ୍ରୀଡ଼ା ଯେପରିକି ଲଙ୍ଗ ଜମ୍ପ, ହାଇ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ, ହାମର ଥ୍ରୋ, ଡିସ୍‌କସ୍ ଥ୍ରୋ, ପୋଲଭୋଲ୍ଟ, ୧୦୦,୨୦୦, ୪୦୦ ମିଟର ଦୌଡ଼, ବାଧାଦୌଡ଼, ୮୦୦ ମିଟର ଦୌଡ଼, ୩୦୦ମିଟର ଷ୍ଟିପଲଚେଜ, ମାରାଥନ, ୧୦୦୦୦କି.ମି., ୫୦୦୦ କି.ମି.ଦୌଡ଼ ଓ ମାରାଥନ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ନିମନ୍ତେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ଏହି ସବୁ କ୍ରୀଡ଼ା ଅଭ୍ୟାସ ନିମନ୍ତେ ଆବଶ୍ୟକ ଥିବା ଜମ୍ପିଂ ପିଟ, ରନିଂ ଟ୍ରାକ, ସିମେଣ୍ଟେଡ଼ ସର୍କଲ, ହଡଲ ରନିଂ ଉପକରଣ ଭଳି କୌଣସି କ୍ରୀଡ଼ା ଉପକରଣ ସହରର କେଉଁଠାରେ ମଧ୍ୟ ଏହି ବ୍ୟବସ୍ଥା ନାହିଁ। ଦୀର୍ଘ ୪ ବର୍ଷ ହେବ ବ୍ରହ୍ମପୁର ଷ୍ଟାଡିୟମରେ ମଧ୍ୟ ଏହାର ବିକାଶ ନିମନ୍ତେ ନିର୍ମାଣାଧୀନ



ୟୁସିପି କଲେଜ ଖେଳପଡ଼ିଆ।

ଥିବା ଦର୍ଶାଇ ବନ୍ଦକରି ଦିଆଯାଇଛି। ବର୍ତ୍ତମାନ ଭିଡ଼ ଦୃଷ୍ଟିରୁ ଦୌଡ଼ କୁଦ ଅଭ୍ୟାସ କରୁଥିବା ଅଧିକାଂଶ କ୍ରୀଡ଼ାବିତ ୟୁସିପି କଲେଜ ପଡ଼ିଆ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏହା ଖେଳପଡ଼ିଆ କମ, ଚାରଣ ଭୂମି ଭଳି ଅଧିକା ପରିଲକ୍ଷିତ ହେଉଛି। ପଡ଼ିଆ ସାରା ଘାସ ବୁଦାରେ ଭର୍ତ୍ତି ରହିଛି। ଅନ୍ୟପଟେ ବିଏମ୍‌ସି କର୍ତ୍ତୃପକ୍ଷ ମଧ୍ୟ କ୍ରୀଡ଼ା ବିକାଶ ନାଁରେ ସହରରେ ଗୋଟିଏ ପରେ ଗୋଟିଏ ଇନ୍‌ଡୋର ହଲ ପ୍ରସ୍ତୁତ କରି ଚାଲିଛନ୍ତି। ବାସ୍କେଟବଲ, କବାଡ଼ି, ଟେନିସ ଓ ବ୍ୟାଡ୍‌ମିଣ୍ଟନ ଭଳି ଇନ୍‌ଡୋର କ୍ରୀଡ଼ା ଅଭ୍ୟାସ ନିମନ୍ତେ ଆମ୍ବପୁଆ,ତୁଳସୀ ନଗରରେ ଦୁଇଟି ଇନ୍‌ଡୋର ହଲ ନିର୍ମିତ ହୋଇଥିବା ବେଳେ ଗେଟବଜାର ସ୍ଥିତ ସ୍ପୋର୍ଟ୍ସ ଏରେନାରେ ଇନ୍‌ଡୋର କ୍ରୀଡ଼ା,ବ୍ୟାୟାମ ଓ ଯୋଗକୁ ସୁହାଇବା ଭଳି ନିର୍ମିତ ହୋଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପୂର୍ବରୁ ଇନ୍‌ଡୋର ଷ୍ଟାଡ଼ିୟମ ଥିବା ବେଳେ ବର୍ତ୍ତମାନ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ(ୟୁସିପି)କଲେଜ ଖେଳ ପଡ଼ିଆରେ ଓ ବ୍ରହ୍ମପୁର ଷ୍ଟାଡିୟମରେ ମଧ୍ୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣାଧୀନ ରହିଛି। ଏଭଳି ସ୍ଥିତିରେ ସହରରେ ସ୍କୁଲ, କଲେଜ ଓ ଯୁବ କ୍ରୀଡ଼ାବିତ୍ ଯେଉଁମାନେ ଦୌଡ଼କୁଦ କ୍ଷେତ୍ରରେ ରୁଚି ରଖୁଛନ୍ତି ସେମାନଙ୍କ ନିକଟରେ ଦକ୍ଷତା ଥାଇ ସୁଦ୍ଧା ଏହି କ୍ରୀଡ଼ାବିତ୍‌ମାନେ ଉପଯୁକ୍ତ ଭିତ୍ତିଭୂମି ଓ କ୍ରୀଡ଼ା ଉପକରଣ ଅଭାବରୁ ପଛେଇ ଯାଇଛନ୍ତି।

### ଏମାନେ ଯାହା କୁହନ୍ତି...



"ଆଉଟଡୋର କ୍ରୀଡ଼ା ବିକାଶ ନିମନ୍ତେ ବିଏମ୍‌ସି କାଉନସିଲ ବୈଠକରେ ଏ ସଂକ୍ରାନ୍ତରେ ମତ ପ୍ରକାଶ ପାଇଥିବା ବେଳେ ଏ ବିଷୟରେ ଆଗାମୀ ସମୟରେ ବିଚାର କରାଯିବ ବୋଲି କୁହାଯାଇଥିଲା। ଯଦି ଦୌଡ଼କୁଦ କ୍ରୀଡ଼ାର ବିକାଶ ହୋଇଥାନ୍ତା ତେବେ ନିଶ୍ଚିତ ଭାବେ ସହରରୁ ବହୁ କ୍ରୀଡ଼ାବିତ୍ ନିଜର ଦକ୍ଷତା ବିକାଶ କରିବାର ସୁଯୋଗ ପାଇପାରନ୍ତେ।

**- ସୁରେନ୍ଦ୍ର କୁମାର ମହାରଣା, ୩୨ ନମ୍ବର ୱାର୍ଡ କର୍ପୋରେଟର ଓ ପୂର୍ବତନ କ୍ରୀଡ଼ାବିତ୍**



"ଦୀର୍ଘ ୪ ବର୍ଷ ହେବ ସହରରେ ଦୌଡ଼କୁଦ କ୍ରୀଡ଼ା ମନ୍ଥର ଗତିରେ ଚାଲିଛି। ପୂର୍ବରୁ ପ୍ରତିବର୍ଷ ବହୁ କ୍ରୀଡ଼ାବିତ୍ ନିଜର କ୍ରୀଡ଼ା ଦକ୍ଷତା ଯୋଗୁ ଆର୍ମି, ପୋଲିସ, ବିଏସ୍‌ଏଫ ଭଳି ଚାକିରି ମଧ୍ୟ ପାଇବାର ନଜିର ରହିଛି। ଅନ୍ୟପଟେ ପୂର୍ବରୁ ଯେଉଁଠି ନିୟମିତ ଶହଶହ ମହିଳା ଓ ପୁରୁଷ କ୍ରୀଡ଼ାବିତ କ୍ରୀଡ଼ାଭ୍ୟାସ କରୁଥିଲେ ବର୍ତ୍ତମାନ ନିୟମିତ ଭାବେ ମାତ୍ର ୩୦ରୁ ୪୦ କ୍ରୀଡ଼ାବିତ୍ ୟୁସିପି ପଡ଼ିଆରେ ଅଭ୍ୟାସ କରୁଛନ୍ତି। ଏହି କ୍ରୀଡ଼ାବିତ୍‌ଙ୍କ ନିମନ୍ତେ କ୍ରୀଡ଼ା ଉପକରଣ ଓ ପଡ଼ିଆ ମିଳିପାରିଲେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବହୁ ପଦକ ଅର୍ଜନ କରିପାରିବେ।

**-ସୁରେନ୍ଦ୍ର କୁମାର ପଟ୍ଟନାୟକ, ଜିଲା ଦୌଡ଼ କୁଦ କ୍ରୀଡ଼ା କୋଚ**

## ମହିଳାଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୨୮।୮:** ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିଲେ। ଗୀତାଞ୍ଜଳି ପଣ୍ଡା ଏନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୫୬/୨୨ ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଥିବା କହିଛି। ପ୍ରକାଶ ଯେ, ୨୦୧୬ ମେ ୧୯ରେ ଶେରଗଡ ଥାନା ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମର ସଞ୍ଜୟ କୁମାର ପଣ୍ଡା ଉକ୍ତ ଗ୍ରାମର ଗୀତାଞ୍ଜଳି ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ବାବଦକୁ ସୁନାଗହଣା, ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର କିଛି ମାସ ପରେ ଗୀତାଞ୍ଜଳିଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଅଧିକ ଯୌତୁକ ଦାବି କରିଥିଲେ। ଗୀତାଞ୍ଜଳି ଏନେଇ ତାଙ୍କ ବାପାଙ୍କୁ ଜଣାଇଥିଲେ। ହେଲେ ତାଙ୍କ ବାପାଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଝିଅଙ୍କ ଶ୍ୱଶୁର ଘରଲୋକ ଦାବି କରୁଥିବା ଯୌତୁକ ଦେଇ ପାରିନଥିଲେ। ଫଳରେ ଗୀତାଞ୍ଜଳିଙ୍କୁ ତାଙ୍କ ଶ୍ୱଶୁର ଘରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ପରେ ସଞ୍ଜୟ ତାଙ୍କ ସ୍ତ୍ରୀ'ଙ୍କୁ ନେଇ ସୁରଟ ପଳାଇଥିଲେ। ସେଠାରେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାକୁ ନେଇ ସେଠାରେ ଗୀତାଞ୍ଜଳିଙ୍କୁ ତାଙ୍କ ସ୍ୱାମୀ ଓ ଦିଅର ନିର୍ଯାତନା ଦେଇଥିଲେ। ଏପରିକି ଗୀତାଞ୍ଜଳିଙ୍କୁ ସେଠାରେ ତାଙ୍କ ଦିଅର ଗ୍ୟାସ ଲଗାଇ ହତ୍ୟା ଉଦ୍ୟମ ମଧ କରିଥିଲେ। ସେଠାରୁ ସେ କୌଶଳକ୍ରମେ ଖସି ଆସି ତାଙ୍କ ବାପାଙ୍କ ଘରେ ପହଞ୍ଚିଥିଲେ। ଶନିବାର ସେ ଏନେଇ ଥାନାରେ ଅଭିଯୋଗ କରିଥିବା ପୋଲିସ କହିଛି।

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ, ୨୮।୮:** ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆରପି) ରବିବାର ସକାଳେ ଜେଲ ନିକଟ ଝାମି ମନ୍ଦିର ଦେଇ ଯାଇଥିବା ରେଳଧାରଣାରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତ ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ମୃତକଙ୍କ ଆନୁମାନିକ ବୟସ ୬୨ ବର୍ଷ ହେବ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରିବା ସହ ନଂ.୬୩/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ପାଇବା ପାଇଁ ପୋଲିସ ଉକ୍ତ ମୃତଦେହ ଏମ୍‌କେସିଜିର ମୃତଦେହ ସଂରକ୍ଷଣ ଗୃହରେ ତିନି ଦିନ ଯାଏ ସଂରକ୍ଷିତ ରଖିଥିବା କହିଛି। ବୃଦ୍ଧ ଜଣଙ୍କ କୌଣସି ମାନସିକ ଦୁଶ୍ଚିନ୍ତାକୁ କେନ୍ଦ୍ର କରି ରବିବାର ଭୋରୁ ଏଭଳି ଭାବେ ରେଳଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ଘର ଭିତରୁ ଗାଡ଼ି ଚୋରି

**ବ୍ରହ୍ମପୁର ଅଫିସ,୨୮।୮:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନେହୁରୁନଗର ୧୦ମ ଲାଇନରେ ଥିବା ରବି ପ୍ରଧାନଙ୍କ ଘରୁ ଏକ ସ୍କୁଟି ଚୋରି ହୋଇଛି। ଘରେ କେହି ନ ଥିବା ବେଳେ ତାଲା ଭାଙ୍ଗି ଲୁଟେରାମାନେ ତାଙ୍କର ଗାଡି (ନଂ ଓଡ଼ି ୦୭ଡ଼ି ୧୭୩୫) ନେଇଯାଇଛନ୍ତି। ପରେ ଗୃହକର୍ତ୍ତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୧/୨୨ ରେ ଏକ ମାମଲା ରୁଜୁ କରିଛି।

## କୋଠରିରୁ ମହିଳାଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ବ୍ରହ୍ମପୁର ଅଫିସ,୨୮।୮

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନିଗମନଗର ୫ ଲାଇନର ଏକ ଘରୁ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ଜିତୁ ଗୌଡ଼ଙ୍କ ସ୍ତ୍ରୀ ସାଗରିକା ଗୌଡ଼ (୨୧)। ମହିଳାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡୁନଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଜିତୁଙ୍କ କହିବା ଅନୁସାରେ ତାଙ୍କ ସ୍ତ୍ରୀ ସାଗରିକା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଉକ୍ତ ମୃତଦେହ ନିକଟରେ ପୋଲିସ କର୍ମଚାରୀ ଜଗି ରହିଛନ୍ତି। ଜିତୁ ଗୌଡ଼ଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା କହିଛି। ମୃତ ମହିଳାଙ୍କ ପରିବାର ଲୋକଙ୍କୁ ପୋଲିସ ଏନେଇ ଖବର କରିଛି। ସେମାନେ ସୋମବାର ବ୍ରହ୍ମପୁରରେ ପହଞ୍ଚିବା ପରେ ମୃତଦେହ ପଞ୍ଚନାମା କରାଯିବ ବୋଲି ପୋଲିସ କହିଛି। ମୃତ ମହିଳାଙ୍କ ବାହାଘର ଦେଢବର୍ଷ ହୋଇଥିବାରୁ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯିବ। ପ୍ରକାଶ ଯେ, ୨୦୨୧ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଦ୍ୱାରଗାଁର ବୃନ୍ଦାବନ ଗୌଡ଼ଙ୍କ ପୁଅ ଜିତୁ ଗୌଡ଼ ଜରଡ଼ା ଥାନା ଅନ୍ତର୍ଗତ ତୁରୁବୁଡି ଗ୍ରାମର ସାଗରିକା ଗୌଡ଼ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ଉଭୟ ସ୍ୱାମୀ -ସ୍ତ୍ରୀ ବ୍ରହ୍ମପୁର ଆସିଥିଲେ। ଆଙ୍କୁଲି ନିଗମ ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ରବିବାର ଅପରାହ୍ନରେ ଜିତୁ ଘରକୁ ଆସି ଦେଖିବା ବେଳେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ ବୋଲି ସେ ପୋଲିସକୁ କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୮।୮



ଗିରଫ ଲୁଟେରା

ଜଣେ ଯୁବକଙ୍କୁ ଆକ୍ରମଣ କରି ତାଙ୍କ ପ୍ୟାଣ୍ଟ ପକେଟରୁ ଟଙ୍କା ଲୁଟି ନେଇଥିବା ଲୁଟେରାଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋବିନ୍ଦ ବିହାର ୬ଷ୍ଠ ଲାଇନରେ ରହୁଥିବା ସନ୍ତୋଷ ମହାରଣା (୪୨)। ପୋଲିସ ତାଙ୍କଠାରୁ ୨୩୦୦ ଟଙ୍କା ଜବତ କରିଛି। ସନ୍ତୋଷଙ୍କ ନାମରେ ଖଲ୍ଲିକୋଟ ଥାନାରେ ୪ଟି ସଙ୍ଗିନ ମାମଲା ରହିଛି। ସେ ଏକ ହତ୍ୟା ମାମଲାରେ ଛତ୍ରପୁର ଉପ କାରାଗାରରେ ଆଜୀବନ କାରାଦଣ୍ଡରେ ସଜା କାଟୁଥିଲେ। ଗତବର୍ଷ ସେ ପାରୋଲରେ ଜେଲରୁ ଆସିଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୩୮୪/୨୨ ରେ ସନ୍ତୋଷଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବ୍ରଜନଗର ଅଞ୍ଚଳର ଶୋଭମ ମହାରଣା ଗତ ୨୬ ତାରିଖ ରାତିରେ କୌଣସି କାମରେ ବାଇକ୍‌ରେ ନୂଆ ବସଷ୍ଟାଣ୍ଡ ଯାଉଥିଲେ। ଗୋବିନ୍ଦବିହାର ଛକରେ ତାଙ୍କ ଗାଡ଼ିକୁ ସନ୍ତୋଷଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ଅଟକାଇଥିଲେ। ସନ୍ତୋଷ, ଶୋଭମଙ୍କୁ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ସନ୍ତୋଷ ସେଠାରେ ତାଙ୍କୁ ଆକ୍ରମଣ କରିଥିଲା। ପରେ ଶୋଭମଙ୍କ ପକେଟରେ ଥିବା ୨୩୦୦ ଟଙ୍କା ସେ ଲୁଟି ନେଇଥିଲେ। ଏନେଇ ଶୋଭମ ସଦର ଥାନାରେ ଅଭିଯୋଗ କରିଥିଲେ।

# ୪ର୍ଥ ଦକ୍ଷିଣ ଓଡ଼ିଶା ଥାଇରଏଡ୍ ସମ୍ମିଳନୀ



ଆଲୋଚନା ଚକ୍ରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୨୮।୮

ଦକ୍ଷିଣ ଓଡିଶା ୪ର୍ଥ ଥାଇରଏଡ୍ ସମ୍ମିଳନୀ ରବିବାର ଆଇଏମ୍ଏ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡ.ସୁନୀଲ କୁମାର କୋଚ୍ଚା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭୀମସାର ମେଡିକାଲ କଲେଜର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ର, ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମା ଶଙ୍କର ମିଶ୍ରଙ୍କ ସମେତ ପ୍ରଫେସର ପି.ସି.ସାହୁ, ଆଇଏମ୍ଏ ବ୍ରହ୍ମପୁର ସଭାପତି ପ୍ରଫେସର ସୁବାଷ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଥାଇରଏଡ ଅବ୍ୟବସ୍ଥା ଜନିତ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଉପରେ କୁପ୍ରଭାବ ପକାଉଥିବା ନେଇ ଅତିଥିମାନେ କହିଥିଲେ। ଏଥିସହ ଗର୍ଭବତୀ ଓ ନବଜାତ ଶିଶୁଙ୍କ କ୍ଷେତ୍ରରେ ବାଧ୍ୟତାମୂଳକ ଥାଇରଏଡ ପରୀକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଗଞ୍ଜାମ ଜିଲା ସମେତ ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡା ଓ କୋରାପୁଟରୁ ୨୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ କରିଥିଲେ।

## ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ କାର୍ଯ୍ୟକାରିଣୀ ବୈଠକ ରବିବାର ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜ ଗୋପାଳ ପାଢୀ ଅଧକ୍ଷତା କରିଥିଲେ। ଆଗାମୀ ଗୁରୁ ଦିବସରେ ସଂଘର ପ୍ରଥମ ବାର୍ଷିକ ଉତ୍ସବ ନେଇ ଆଲୋଚନା ହୋଇଥିଲା।

ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ମଦନ ମିଶ୍ର, ରମେଶ ମହାରଣା, ରାଜ୍ୟ ଉପସଭାପତି ଟୁଟୁ ପାଢୀ, ଗୋପାଳ ଚର୍ଚ୍ଚି, ଭାଗୀରଥି ସ୍ୱାଇଁ, ଦୀନବନ୍ଧୁ ଶତପଥୀ, ନବୀନ ହୋତା ଓ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୧୮ରେ ଆପ୍‌ର ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୮।୮

ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ରବିବାର ଗୋଲାପଲୀ ସାହି ସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ପ୍ରଭାରୀ ଇଂ. ରୁଚିର ରୁଦ୍ର ରଥ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲାରେ କିଭଳି ଦଳକୁ ମଜଭୁତ କରି ୨୦୨୪ ନିର୍ବାଚନରେ ବିଜୟ ହାସଲ କରିବ ସେ ସମ୍ପର୍କରେ କହିଥିଲେ। ଆସନ୍ତା ସେପ୍ଟେମ୍ବର ୧୮ରେ ଜିଲା ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦଳର ଜିଲା ଆବାହକ ସୁଭାଷ ରାଉତ ସଂଗଠନକୁ ପଞ୍ଚାୟତ ସ୍ତରରେ ପହଞ୍ଚାଇବା ପାଇଁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଦଳର ଜିଲା ସମ୍ପାଦକ ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ଆଦିତ୍ୟ ନାରାୟଣ ରଥ ଦିଲ୍ଲୀର ଅରବିନ୍ଦ କେଜରିୱାଲ ମଡେଲକୁ ଓଡ଼ିଶା ଲୋକେ ମଧ୍ୟ ଚାହୁଁଛନ୍ତି ବୋଲି କହିଥିଲେ। ଏଣୁ ଓଡ଼ିଶାରେ ଆପ୍ ସରକାର ଗଠନ କ୍ଷେତ୍ରରେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ୪୦ ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ଉପସଭାପତି ସୁଧୀର ପ୍ରଧାନ, ନଗର ସଭାପତି ସି. ହରପ୍ରସାଦ ସମେତ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବ୍ଲକରୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତା।

## ଏମ୍‌କେସିଜି ରକ୍ତଭଣ୍ଡାରରେ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୨୮।୮

ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ଡାକରାରେ ବ୍ରହ୍ମପୁର ଏମ୍‌କେସିଜି ରକ୍ତଭଣ୍ଡାର ଅସ୍ଥାୟୀ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୩ ଦଫା ଦାବି ନେଇ କର୍ମଚାରୀମାନେ ଶନିବାର ଆନ୍ଦୋଳନ କରିଛନ୍ତି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନେ ସୁବିଧା ଦାବି କରିଛନ୍ତି। ସେହିପରି ସାମାଜିକ ସୁରକ୍ଷା ଓ କମ ଭତ୍ତାକୁ ବିରୋଧ କରି କର୍ମଚାରୀମାନେ ବାହ୍ୟ ରକ୍ତଦାନ ଶିବିରରେ ଯୋଗଦାନ ଦେବା ପାଇଁ ମନା କରିଛନ୍ତି। ବାହାରେ ଆୟୋଜିତ ରକ୍ତଦାନ ଶିବିରରେ କମ ଇନ୍‌ସେନଟିଭ ଓ ସେମାନଙ୍କୁ ଅନ୍ୟ କୌଣସି ସରକାରୀ କର୍ମଚାରୀଙ୍କ ଭଳି ଜୀବନ ସୁରକ୍ଷା ପ୍ରଦାନ କରାଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତଭଣ୍ଡାରରେ କଳା ବ୍ୟାଜ ପିନ୍ଧି କର୍ମଚାରୀମାନେ ବିକ୍ଷୋଭ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆମରଣ ଅନଶନ ସହ ସମସ୍ତ ଇନ୍‌ଡୋର ଓ ଆଉଟଡୋର ରକ୍ତ ଭଣ୍ଡାର କାମରେ ଅସହଯୋଗ କରିବେ ବୋଲି ଏମ୍‌କେସିଜି ରକ୍ତଭଣ୍ଡାର କର୍ମଚାରୀ ସଂଘ ସଭାପତି ଜୀବନାନନ୍ଦ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ରକ୍ତଭଣ୍ଡାର ସମ୍ମୁଖରେ ଚାଲିଥିବା ଆନ୍ଦୋଳନରେ ସମ୍ପାଦକ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।



# ଗଞ୍ଜାମରେ ପୁଣି ଚଳଚଞ୍ଚଳ ସମବାୟ ରାଜନୀତି

**ଅକ୍ଟୋବର ୩୦ରେ ୨ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ**

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମରେ ପ୍ରଥମ ପର୍ଯ୍ୟାୟରେ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) ସମୂହର ନିର୍ବାଚନ ସରିଛି ଏବଂ ଫଳାଫଳ ଘୋଷଣା ସହ ପରିଚାଳନା ପରିଷଦ ଗଠନ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସମବାୟ ସଂସ୍ଥାର ନିର୍ବାଚନ ପାଇଁ ବିଗୁଲ ବାଜିଛି। ଅକ୍ଟୋବର ୩୦ରେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ନିର୍ଦ୍ଦେଶକ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଏକା ଦିନରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କରେ ନିର୍ଦ୍ଦେଶକ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟକ୍ରମେ ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ଗଞ୍ଜାମ ଜିଲା ସମବାୟ ସଂଘ ଆଦିର ନିର୍ବାଚନ ହେବ। ତେଣୁ ଜିଲାରେ ପୁଣି ଚଳଚଞ୍ଚଳ ହୋଇଛି ସମବାୟ ରାଜନୀତି।

କେନ୍ଦ୍ରୀୟ ସମବାୟ ସଂସ୍ଥାଗୁଡ଼ିକରେ ୧୫ ଲେଖାଏ ଜୋନରୁ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ନିର୍ବାଚିତ ହେବେ। ବିସିସି ବ୍ୟାଙ୍କ ଅଧୀନ ଗଜପତି ଜିଲାର ସବୁ ସମବାୟ ସଂସ୍ଥା ଅନ୍ତର୍ଭୁକ୍ତ। ଗଞ୍ଜାମର ୧୨ ଓ ଆଉ ୩ ଜୋନ ଗଜପତିରେ ଅଛି। ୨୦୧୫ ସମବାୟ ନିର୍ବାଚନରେ ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡକୁ ୪ ମହିଳା ନିର୍ବାଚିତ ହୋଇଥିଲେ। ତନ୍ମଧ୍ୟରୁ ଜଣେ ଉପସଭାପତି ହୋଇଥିଲେ। ସୂଚନାଯୋଗ୍ୟ, ସମବାୟ ଆନ୍ଦୋଳନରେ ପ୍ରମୁଖ ଜିଲା ହେଉଛି ଗଞ୍ଜାମ। ଜିଲାରେ ୩୮୯ ପ୍ରାଥମିକ କୃଷି ସେବା ସମବାୟ ସମିତି ଏବଂ ଆସିକା ସମବାୟ ଚିନିଶିଳ୍ପ, ଆସିକାର ବହୁ ପୁରାତନ ଏମ୍‌ପିସିଏସ ଆଦି ରହିଛି।

ଅତୀତରେ ଅଧିକାଂଶ ସମବାୟ ଅନୁଷ୍ଠାନ କଂଗ୍ରେସ ଦଖଲରେ ରହୁଥିଲା। ଆଞ୍ଚଳିକ ଦଳ ବିଜେଡି ଗଠନରେ ସମବାୟ ରାଜନୀତି ଚିତ୍ର ବଦଳିଛି। ୨୦୧୫ ନିର୍ବାଚନରେ ଆସିକା ଓ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ, ଚିନି ଶିଳ୍ପ, ବିଆର୍‌ଏମ୍‌ସିଏସ୍, ଏମ୍‌ପିସିଏସ୍ ଆଦି ବଡ଼ ବଡ଼ ସଂସ୍ଥାଗୁଡ଼ିକ ବିଜେଡି ସମର୍ଥକଙ୍କ ଦଖଲକୁ ଆସିଥିଲା। ସମବାୟ ନିର୍ବାଚନରେ ଦଳୀୟ ଚିହ୍ନ ରହୁନଥିଲେ ମଧ୍ୟ ସମର୍ଥକମାନଙ୍କୁ ପ୍ରାର୍ଥୀ କରାଯାଉଛି। ଚଳିତ ବର୍ଷର ନିର୍ବାଚନରେ ଶାସକ ବିଜେଡି ସମର୍ଥକଙ୍କୁ ମୁଖ୍ୟ ବିରୋଧୀ ଭାଜପା ଟକ୍କର ଦେବାର ରଣନୀତି ପ୍ରସ୍ତୁତ କରିଛି। ଜିଲା ବିଜେଡି ପକ୍ଷରୁ ପ୍ରମୁଖ ସମବାୟ ଅନୁଷ୍ଠାନର ନିର୍ବାଚନ ପାଇଁ ସ୍ୱତନ୍ତ୍ର ଭାବେ କମିଟି ଗଠନ କରାଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଧିକ ଦାୟିତ୍ୱ ଦିଆଯାଇଛି। ବିଧାୟକ, ଏମ୍‌ପି ଓ ଅନ୍ୟ ବରିଷ୍ଠ ନେତାଙ୍କ ମିଳିତ ସୁପାରିସରେ ନିର୍ଦ୍ଦେଶକ ପ୍ରାର୍ଥୀ ମନୋନୀତ କରାଯିବା ଲାଗି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ନିର୍ଦ୍ଦେଶକ ଫଳାଫଳ ଘୋଷଣା ପରେ ସଭାପତି ନିର୍ବାଚନ ହେବ। ଅଭିଜ୍ଞତା ଓ ଦଳ ପ୍ରତି ସମର୍ପିତ ଚେହେରାଙ୍କୁ ଚୟନ କରାଯିବାର ସେ ସ୍ପଷ୍ଟ କରିଛନ୍ତି। ଜିଲାର କେନ୍ଦ୍ରୀୟ ସମବାୟ ସଂସ୍ଥା ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ଦିଆଯିବ ବୋଲି ବାପୁଜୀ ଆଶ୍ରମ ସୂତ୍ରରୁ ଖବର ମିଳିଛି।

## ସଂକ୍ଷେପରେ

### ଖାଲରୁ ଷଣ୍ଢ ଉଦ୍ଧାର

ହିଞ୍ଜିଳିକାଟୁ,୨୮।୮(ଡି.ଏନ.ଏ): ପରିବା ବଜାର ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଖୋଳା ଯାଇଥିବା ଖାଲରୁ ରବିବାର ଏକ ଷଣ୍ଢକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ଷଣ୍ଢଟି ପରିବା ଖାଇବାକୁ ଯାଇ କୌଣସି କାରଣରୁ ଉକ୍ତ ଖାଲରେ ଖସିପଡି ଛଟପଟ ହେଉଥିବା ଦେଖି ବ୍ୟବସାୟୀମାନେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ବିଫଳ ହେବାରୁ ସେମାନେ ହିଞ୍ଜିଳିକାଟୁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରାୟ ୨ ବର୍ଷ ସମୟ ଧରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ଠିକାଦାର ତାରାତାରିଣୀ ରୋଡକୁ ଲାଗି ରହିଥିବା ବିଜୁପଟ୍ଟନାୟକ ଛକରେ ପ୍ରାୟ ୧୦ ଫୁଟ ଖାଲ ଖୋଳିଛନ୍ତି। ଦୀର୍ଘ ଦିନ ଧରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବନ୍ଦ ରହିଥିବାରୁ ଉକ୍ତ ଖାଲରେ ଆବର୍ଜନା ଓ ବର୍ଷା ପାଣି ଜମି ରହି ପୂତିଗନ୍ଧମୟ ପରିବେଶ ସହ ବିପଦଜନକ ଅବସ୍ଥାରେ ରହିଛି। ଠିକାଦାର ପାଇବାକୁ ଥିବା ବକେୟା ଟଙ୍କା ପୂର୍ତ୍ତ ବିଭାଗଠାରୁ ପାଇନଥିବା ଅଭିଯୋଗ କରି କାମ ବନ୍ଦ ରଖିଛନ୍ତି। ଫଳରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ବାଉଁଶ ବାଡ ବହୁ ଦିନ ତଳୁ ଠିକାଦାର କରିଥିଲେ। ସେହି ବାଡ଼ ବି ଭାଙ୍ଗି ଗଲାଣି। ତେବେ ସୁରକ୍ଷା ବାଡ଼ ନିର୍ମାଣ ସହ ତୁରନ୍ତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଆନ୍ଦୋଳନ ହେବ ବୋଲି ବ୍ୟବସାୟୀ ସଂଘ ସମ୍ପାଦକ ବିଶ୍ୱମ୍ଭର ସାହୁ କହିଛନ୍ତି।

### ୨ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

ବୁଗୁଡ଼ା,୨୮।୮(ଡି.ଏନ.ଏ.): ବୁଗୁଡ଼ା ଥାନା ଅନ୍ତର୍ଗତ ମୋଟାବାଡି ରାସ୍ତାରେ ରବିବାର ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ କୃଷ୍ଣଶରଣପୁର ଶାସନର ରାମେଶ୍ୱର ମାହୁନ୍ତ। ତାଙ୍କୁ ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ରାମେଶ୍ୱର ବେଲଗୁଣ୍ଠାରୁ ମୋଟାବାଡ଼ି ରାସ୍ତା ଦେଇ ବାଇକରେ ଗାଁକୁ ଫେରୁଥିଲା ବେଳେ ରେଡି ମିଲ୍ ନିକଟ ଏକ ବୁଲାଣି ରାସ୍ତାରେ ସାମ୍ନା ପଟୁ ଆସୁଥିବା ମୋଟାବାଡ଼ି ଗ୍ରାମର ଶଙ୍କର ନାଇକଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ରାମେଶ୍ୱରଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ଦମକଳବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲକୁ ଆଣିଥିଲେ। ପୋଲିସ ଘଟଣାସ୍ଥଳରୁ ଉଭୟ ବାଇକକୁ ଜବତ କରି ତଦନ୍ତ ଚଳାଇଛି।

### ମୁମ୍ୱାଇରୁ ୨ ନାବାଳିକା ଛାତ୍ରୀ ଉଦ୍ଧାର

ଭଞ୍ଜନଗର, ୨୮।୮(ଡି.ଏନ.ଏ): ଭଞ୍ଜନଗର ପୋଲିସ ୨ ଜଣ ନାବାଳିକାଙ୍କୁ ମୁମ୍ୱାଇରୁ ଉଦ୍ଧାର କରି ଭଞ୍ଜନଗର ଆଣି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନା ଅଧିକାରୀ ଧୀରେଶ ଦାସ ରବିବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ନାବାଳିକା ଦୁଇଜଣ ସ୍ଥାନୀୟ ଏକ ମହାବିଦ୍ୟାଳୟରେ ପଢୁଥିଲେ। ଗତ ୧୭ ତାରିଖରେ କୌଣସି କାରଣରୁ ସେମାନେ କଲେଜ ନ ଯାଇ ମୁମ୍ୱାଇ ଚାଲିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରିଥିଲା।

# ରାଜନୈତିକ ଶତ୍ରୁତାରୁ ଗୋଷ୍ଠୀ ସଙ୍ଘର୍ଷ, ୯ ଆହତ

ଗୋପାଳପୁର,୨୮।୮(ଡି.ଏନ୍.ଏ.)


ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟର ଦୃଶ୍ୟ।

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଛି। ରବିବାର ପୂର୍ବାହ୍ନରେ ସରପଞ୍ଚ ରଙ୍ଗା ରାଓ ଗୋଷ୍ଠୀ ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରସିଂହ ମୂର୍ତ୍ତି ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ହୋଇ ୯ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ସୂଚନା ମିଳିଛି। ପ୍ରକାଶ ଯେ, ରବିବାର ପୂର୍ବାହ୍ନ ୧୧.୪୫ମି. ସମୟରେ ରଙ୍ଗା ରାଓ ଗୋଷ୍ଠୀ ଓ ନରସିଂହ ମୂର୍ତ୍ତି ଗୋଷ୍ଠୀ ପକ୍ଷରୁ କୌଣସି କଥାକୁ ନେଇ ମାରପିଟ ହୋଇଥିଲା। ଏନେଇ ରଙ୍ଗାରାଓ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ଦେଇ ଫେରୁଥିଲେ। ଏହି ସମୟରେ ନରସିଂହ ମୂର୍ତ୍ତି ଗୋଷ୍ଠୀ ମଧ୍ୟରେ ଠେଙ୍ଗା ଓ ଖଣ୍ଡାରେ ଆକ୍ରମଣ ପ୍ରତି ଆକ୍ରମଣ ହୋଇଥିଲା। ରଙ୍ଗା ରାଓ ଗୋଷ୍ଠୀ ପକ୍ଷରୁ ଏ.ପାପା ରାଓ, ଟି. ଇରାସ୍ୱାମୀ ଓ ଏ. ରାଜୁ ଗୁରୁତର ହୋଇ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମହିଳା ଏସ. ସୁନିତା ଓ ଏସ. ତେଜା ମଧ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସେହିପରି ନରସିଂହ ମୂର୍ତ୍ତି ଗୋଷ୍ଠୀର ଜଣେ ଆହତ ହୋଇଥିବା ପୋଲିସ କହୁଥିବା ବେଳେ ୪ଜଣ ଆହତ ହୋଇଥିବା ଗ୍ରାମବାସୀ କହିଛନ୍ତି। ଗୋଳନ୍ଥରା ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବ୍ରହ୍ମପୁର ସଦର ଏସଡିପିଓ ଶିବ ଶଙ୍କର ମହାପାତ୍ର ଓ ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡ଼ିଛି।

## ଉନ୍ନୟନ କାର୍ଯ୍ୟ ଦେଖିଲେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ

ଆର.ଉଦୟଗିରି,୨୮।୮(ଡି.ଏନ୍.ଏ.)

ଗଜପତି ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରୋମାଞ୍ଚଳ ଖମାରୀ ଶନିବାର ଦିନିକିଆ ମୋହନା ବ୍ଲକ ଗସ୍ତରେ ଆସି ପ୍ରଥମେ ଜିରାଙ୍ଗ ଗ୍ରାମପଞ୍ଚାୟତ ଗସ୍ତ କରିଥିଲେ। ଉକ୍ତ ପଞ୍ଚାୟତ ଦ୍ୱାରା ନିର୍ମାଣ ହେଉଥିବା ଅମୃତ ସରୋବର ପୋଖରୀ, ପଥରବାଡ଼, ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରିଥିଲେ। ଏହା ପରେ ପ୍ରକଳ୍ପ ନିର୍ଦ୍ଦେଶକ ଖମାରୀ ଚନ୍ଦ୍ରଗିରି ପଞ୍ଚାୟତ ଗସ୍ତରେ ଯାଇ ଅଙ୍ଗନୱାଡି କେନ୍ଦ୍ର, ଇନ୍ଦିରା ଆବାସ ଗୃହ ସହ ପଞ୍ଚାୟତ ଏବଂ ବ୍ଲକ ଦ୍ୱାରା ନିର୍ମାଣ ହେଉଥିବା କାର୍ଯ୍ୟ ପରିଦର୍ଶନ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ମୋହନା ବ୍ଲକର ବହୁ ଦୁର୍ଗମ ଅଞ୍ଚଳ ଗସ୍ତ କରି ଉନ୍ନୟନମୂଳକ କାର୍ଯ୍ୟଗୁଡିକ ତଦାରଖ କରିବା ସହ ବ୍ଲକ କର୍ମକର୍ତ୍ତା ଏବଂ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଥିଲେ। ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଶୋର ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.ଆଶିଷ କୁମାର ଶତପଥୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, ସହକାରୀ ଯନ୍ତ୍ରୀ ଇଂ. ରଜତ କୁମାର ପାଢ଼ୀଙ୍କ ସମେତ ସରପଞ୍ଚ ପ୍ରମୁଖ ପଞ୍ଚାୟତ ଦ୍ୱାରା ନିର୍ମାଣ ହେଉଥିବା କାର୍ଯ୍ୟଗୁଡ଼ିକ ବୁଲି ଦେଖାଇଥିଲେ।

## କାଶୀନଗରରେ ବାରମ୍ବାର ବିଦ୍ୟୁତ୍ କାଟ

କାଶୀନଗର,୨୮।୮

କାଶୀନଗର ବିଦ୍ୟୁତ୍ ସବଡିଭିଜନରେ ଗତ କିଛିଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଥିବା ଯୋଗୁ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ବର୍ଷା ଋତୁରେ ବିଦ୍ୟୁତ ଉତ୍ପାଦନ ଅଧିକ ହୋଇଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ କରାଯାଉଛି। ଟାଟା ବିଦ୍ୟୁତ ଯୋଗାଣ କମ୍ପାନୀ ପକ୍ଷରୁ କୌଣସି ନୂତନ ଭାବେ ମରାମତି କାମ ହୋଇପାରୁନି। ତେଣୁ ବହୁ ସମୟରେ ବିଦ୍ୟୁତ ଯୋଗାଣ ବ୍ୟାହତ ହେଉଛି। ବିଦ୍ୟୁତ ଉପଭୋକ୍ତାମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ କାଶୀନଗରରେ ଯେପରି ବିଦ୍ୟୁତ ଯୋଗାଣ ସୂଚାରୁ ରୂପେ ହୋଇପାରିବେ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

ଧରାକୋଟ,୨୮।୮(ଡି.ଏନ୍.ଏ.)

ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମ୍ବଳ ଶିକ୍ଷକ ସୀତାକାନ୍ତ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡାକ୍ତର ସଚ୍ଚିଦାନନ୍ଦ ବିଶୋଇ, ସମ୍ମାନିତ ଅତିଥି ଭାବେ ଏବିଡିଓ ପ୍ରଦୀପ କୁମାର ହୋତା, ଉମା ଚରଣ ପାଣିଗ୍ରାହୀ, ବୁଟୀ ରାଓ ଦୋରା, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ବିଷ୍ଣୁ କେଶରୀ ଆଚାର୍ଯ୍ୟ, ହୃଦାନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟର ୮୦ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଗୀତ, ଚିତ୍ରାଙ୍କନ, ନୃତ୍ୟ, ମ୍ୟୁଜିକ ଚେୟାର ଓ ଆଳୁ ଚାମଚ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସିଆର୍ସିସି ହରପ୍ରସାଦ ପାଣିଗ୍ରାହୀ, ସୁଶାନ୍ତ କୁମାର ସାହୁ, ତ୍ରିନାଥ ବେହେରା, ରଞ୍ଜନ ବେହେରା, ଭାସ୍କର ବାଡତ୍ୟା, ଶିକ୍ଷକ ଭବାନୀ ଶଙ୍କର ବେହେରା, ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ବେହେରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରତିଭା ସମ୍ମାନ, ସମ୍ବର୍ଦ୍ଧନା ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୨୮।୮(ଡି.ଏନ.ଏ.)

ଓଡ୍ର ଖଣ୍ଡାୟତ କାଳି ସମାଜ କେନ୍ଦ୍ରୀୟ ପରିଷଦ ପକ୍ଷରୁ ରବିବାର ଆସିକା ସ୍ଥିତ ଖମ୍ବେଶ୍ୱରୀ କଲ୍ୟାଣ ମଣ୍ଡପଠାରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରୀୟ ପରିଷଦର ମୁଖ୍ୟ ସଙ୍ଗଠକ ତଥା ଏମ୍ପି ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳାଧିପତି ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆସିକା ଏମପି ପ୍ରମିଳା ବିଷୋୟୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ଓ ଆସିକା ଏନ୍ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ଯୋଗଦେଇଥିଲେ । ଏତଦ ଅବସରରେ ରାଜ୍ୟର ୧୪ ଜିଲାରେ ରହିଥିବା କାଳି ସମାଜର ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୫ଶହ ଛାତ୍ରୀଛାତ୍ର ଓ ଯୁକ୍ତ୨ ପରୀକ୍ଷାରେ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ୩ଶହ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଏହାଛଡ଼ା ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ସମାଜର ଶହେରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ଓ ଜିଲାପରିଷଦ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସମାଜରେ ଭାଇଚାରା ଭାବ ପ୍ରତିଷ୍ଠା ସହ ନିତି ଓ ଆଦର୍ଶକୁ ବଜାୟ ରଖିବା ସାଙ୍ଗକୁ ଆର୍ଥିକ ଅନଗ୍ରସର ପରିବାରର ସାମଗ୍ରିକ ସୁବିଧା ସହ ସେହି ପରିବାରର ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷା ପାଇଁ ସମାଜ ପକ୍ଷରୁ ସହାୟତା ପ୍ରଦାନ ଲାଗି ଲକ୍ଷ୍ୟ ରଖାଯାଇଥିବା ମୁଖ୍ୟ ସଙ୍ଗଠକ ସତ୍ୟନାରାୟଣ ସ୍ୱାଇଁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁବାସ ଚନ୍ଦ୍ର ତାରିଣୀ, ଜଗବନ୍ଧୁ ଜେନା, ବୃନ୍ଦାବନ ଖଟାଇ, ଅନ୍ତର୍ଯ୍ୟାମି ସ୍ୱାଇଁ, ବିଭୂତି ଭୂଷଣ ଜେନା, କାଳିଚରଣ ନାୟକ, ନରହରି ବିଷୋୟୀ, ଯୋଗନ୍ଦ୍ରନାଥ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ଆଗକୁ ପାର୍ବଣ ଋତୁ, ଗ୍ରାମରୁ ସହର ଚଳଚଞ୍ଚଳ

ନୂଆଗଡ,୨୮।୮

ଆଗକୁ ଆସୁଛି ପାର୍ବଣର ଋତୁ। କୋଭିଡ୍ କଟକଣା ଯୋଗୁ ଦୁଇ ବର୍ଷ ହେଲା ହାତବାନ୍ଧି ବସିଥିଲେ ମୂର୍ତ୍ତି କାରିଗର। ଚଳିତ ବର୍ଷ କଟକଣା ନାହିଁ, ତେଣୁ ଚଳଚଞ୍ଚଳ ହୋଇଉଠୁଛି ଗ୍ରାମଠାରୁ ସହର ସବୁଠି। ଏଥିସହ ମୂର୍ତ୍ତି କାରିଗରମାନେ ବେଶ୍ ଉତ୍ସାହିତ ଥିବା ଜଣାପଡିଛି। ଚଳିତ ବର୍ଷ ଦୁଇପଇସା ରୋଜଗାର କରିବା ଆଶା ଥିବାବେଳେ ବର୍ତ୍ତମାନ ରଙ୍ଗ ଓ ଅନ୍ୟାନ୍ୟ ଜିନିଷର ଦରଦାମ ବୃଦ୍ଧି ହୋଇଥିବାରୁ କାରିଗରମାନେ ଚିନ୍ତାରେ ପଡ଼ିଛନ୍ତି। ଗଜପତି ଜିଲା ନୂଆଗଡ ବ୍ଲକ ଖଜୁରୀପଦା ଗାଁର ଦୁର୍ଗାପ୍ରସାଦ ପ୍ରଧାନୀ ମୂର୍ତ୍ତି ତିଆରି କରି ବିକ୍ରି କରନ୍ତି। ସେଥିରୁ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳେ। ଚଳିତ ବର୍ଷ କୋଭିଡ୍ କଟକଣା କୋହଳ ରହିଥିବାରୁ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାକୁ ବେଶ ଧୁମଧାମରେ ପାଳନ କରିବାକୁ ଅଞ୍ଚଳବାସୀ ଉତ୍ସାହିତ ରହିଥିବା ବେଳେ ମାଟି କାରିଗରମାନେ ବେଶ୍ ଦୁଇ ପଇସା ରୋଜଗାର କରିବେ ବୋଲି ଆଶା ବାନ୍ଧିଛନ୍ତି। ତେବେ ସମସ୍ତ ଜିନିଷର ଦର ବୃଦ୍ଧି ରହିଥିବାରୁ ମୂର୍ତ୍ତି ବିକ୍ରିରେ ଲାଭ କମ ମିଳୁଛି ବୋଲି କାରିଗରମାନେ କହିଛନ୍ତି।

## ବିଦ୍ୟାଳୟ ଉନ୍ନତି ଲାଗି ୧ ଲକ୍ଷ ଦେଲେ ପୁରାତନ ଛାତ୍ର

ଭଞ୍ଜନଗର,୨୮।୮(ଡି.ଏନ୍.ଏ.)

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ୧୯୯୦– ୯୧ ମାଟ୍ରିକ ବ୍ୟାଚ ଛାତ୍ର ସଂସଦ ମୋ ସ୍କୁଲ ଅଭିଯାନରେ ସାମିଲ ହୋଇ ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଛନ୍ତି। ଉକ୍ତ ବ୍ୟାଚର ଛାତ୍ରମାନେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଶନିବାର ୧ ଲକ୍ଷ ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ଏହି ଟଙ୍କାର ମ୍ୟାଚିଂ ଗ୍ରାଣ୍ଟ ସହ ମୋଟ ୩ ଲକ୍ଷ ଟଙ୍କା ବିନିମୟରେ କମ୍ପ୍ୟୁଟର ଓ ଶାରୀରିକ ବିକାଶ ନିମନ୍ତେ ବିଭିନ୍ନ ପ୍ରକାରର ଖେଳ ଉପକରଣ କ୍ରୟ କରାଯିବ। ମୋଟ ୩ ଲକ୍ଷ ଟଙ୍କାର ପ୍ରକଳ୍ପ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଉତ୍ସର୍ଗ ପୂର୍ବକ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଆଗାମୀ ଦିନରେ ମୋ ସ୍କୁଲ ଅଭିଯାନ ମାଧ୍ୟମରେ ଅନେକ ପ୍ରକଳ୍ପ ମଞ୍ଜୁରୀ ହେବ। କାର୍ଯ୍ୟକ୍ରମରେ ଗଞ୍ଜାମ ଏଡିଇଓ ପବିତ୍ର ମୋହନ ସାହୁ, ଭଞ୍ଜନଗର ବିଇଓ ଏସ୍. ଧନଞ୍ଜୟ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ, କେଦାରନାଥ ସେଠୀ, ଶଙ୍କର ପ୍ରସାଦ ପଟ୍ଟନାୟକ, ବରିଷ୍ଠ ଶିକ୍ଷକ ଉମାକାନ୍ତ ନାହାକ, ଅମିୟ କୁମାର ବେହେରା, ସନ୍ତୋଷ କୁମାର ବେହେରା, ଶିକ୍ଷୟିତ୍ରୀ ସସ୍ମିତା ନାୟକ, ବିଳାସିନୀ ଜେନା, ସପନେଶ୍ୱରୀ ଦିଗାଲ, ବିଷ୍ଣୁ ପ୍ରିୟା ସ୍ୱାଇଁ, ଶ୍ୟାମ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରଙ୍କୁ ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ସକ୍ରିୟ ସହଯୋଗ କାମନା କରିଥିଲେ।


ପୁରାତନ ଛାତ୍ରମାନେ ଡ୍ରାଫ୍ଟ ପ୍ରଦାନ କରୁଛନ୍ତି।

## ଆମ ପୋଲିସ ସମିତି ବୈଠକ

ଭଞ୍ଜନଗର,୨୮।୮(ଡି.ଏନ୍.ଏ.): ତାରସିଂ ଥାନା ଆମ ପୋଲିସ ସମିତି ପକ୍ଷରୁ ରବିବାର କ୍ଷେତମୁଣ୍ଡଳୀ ପଞ୍ଚାୟତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଥାନା ଅଧିକାରୀ ପି. କେ. ଦାସ ଅଧ୍ୟକ୍ଷତା କରି ଅନ୍ଧବିଶ୍ୱାସ ସହ ବିଭିନ୍ନ ଆଇନ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ସରପଞ୍ଚ ନୀଳାଚଳ ଖିଲାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଗୁଜରାଟ ସାହିତ୍ୟ ଏକାଡେମୀ ଦ୍ୱାରା ଇଂଲିଶ୍ କବି ପୁରସ୍କୃତ

କବିସୂର୍ଯ୍ୟନଗର,୨୮।୮(ଡି.ଏନ୍.ଏ.)



ପ୍ରସନ୍ନ ଦଳାଇ

ଇଂଲିଶ୍ କବିତା ଲେଖି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ଖ୍ୟାତି ସାଉଁଟିଛନ୍ତି କବିସୂର୍ଯ୍ୟନଗର ବ୍ଲକ ନନ୍ଦିଆଗଡ଼ା ଗ୍ରାମର ପ୍ରସନ୍ନ ଦଳାଇ। ନିକଟରେ ଗୁଜରାଟ ସାହିତ୍ୟ ଏକାଡେମୀ ପକ୍ଷରୁ ବିଶ୍ୱର ଶହେ ଜଣଙ୍କ ମଧ୍ୟରୁ ସେ ପୁରସ୍କୃତ ହୋଇଛନ୍ତି। ଏହି ଗ୍ଲୋବାଲ କମିଟିରେ ସିଜୁ ପଲ୍ଲୀଥାଜହେଥ, ମୋଟିଭେସନାଲ ଷ୍ଟ୍ରିପସ, ପଦ୍ମଶ୍ରୀ ଡା. ବିଷ୍ଣୁ ପାଣ୍ଡ୍ୟା ଓ ଫୋରମ ନିର୍ଦ୍ଦେଶକ ସାବ୍ରିନା ବ୍ରାଣ୍ଟ ରହିଥିଲେ। ବାଂଲାଦେଶ ସାହିତ୍ୟ ଏକାଡେମୀରୁ –ଟିଚର ଡିପ୍ଲୋମା ଆୱାର୍ଡ, ନାଇଜେରିଆରୁ ଇଣ୍ଟରନ୍ୟାଶନାଲ ଆୱାର୍ଡ, ଭାରତରୁ ମଦର ଟେରେସା, ଓଡ଼ିଶାରୁ ଜୟଦେବ ପୁରସ୍କାର, ଇଟାଲୀର ସିସିଲି ଦ୍ୱୀପ ସଂସ୍କୃତି ବିଭାଗରୁ ରବୀନ୍ଦ୍ରନାଥ ଟାଗୋର ଆୱାର୍ଡ, ସାଉଥ୍ ଆଫ୍ରିକା ଜୋହାନ୍ସବର୍ଗରୁ ନେଲ୍ସନ ମଣ୍ଡେଲା ଆୱାର୍ଡ ଏପରି ୩,୫୦୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ପୃଥିବୀର ବହୁ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ, ଡି.ଲିଟ୍ ପାଇ ସୁଖ୍ୟାତି ଆଣିଦେଇଛନ୍ତି।

## କାଉନ୍ସିଲର ଏକାଦଶ ୩୧ ରନ୍‌ରେ ବିଜୟୀ



ମ୍ୟାଚ୍ ପରେ ଦୁଇ ଦଳର ଖେଳାଳି ।

ଭଞ୍ଜନଗର,୨୮।୮(ଡି.ଏନ୍.ଏ)

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭଞ୍ଜନଗର ଏନ୍ଏସି ପକ୍ଷରୁ ରବିବାର ସ୍ଥାନୀୟ ଜେଲ ପଡ଼ିଆରେ କାଉନ୍ସିଲର ଏକାଦଶ ଏବଂ କର୍ମଚାରୀ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଟେନିସ୍ ବଲ୍ କ୍ରିକେଟ ମ୍ୟାଚ୍ ହୋଇଥିଲା। କାଉନ୍ସିଲର ଏକାଦଶ ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୬ ଓଭରରେ ୫ ଉଇକେଟ ବିନିମୟରେ ୧୦୬ ରନ୍ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ୧୬ ଓଭରରେ ୬ ଉଇକେଟ ବିନିମୟରେ ମାତ୍ର ୭୫ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଏଥିରେ ନଗର ବିଜେଡି ସଭାପତି ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ଅଧ୍ୟକ୍ଷ ସୁଧୀର ରଞ୍ଜନ ବେହେରା, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ, ବରିଷ୍ଠ କଳାକାର ଜଗଦୀଶ୍ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାଉନ୍ସିଲର ଏକାଦଶର କ୍ୟାପ୍ଟେନ ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଓ କର୍ମଚାରୀ ଏକାଦଶର କ୍ୟାପ୍ଟେନ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଥିଲେ। ଟୁର୍ନାମେଣ୍ଟ ପରିଚାଳନା କରିବାରେ ଲୋକନାଥ କର, ଶିବୁ ଜେନା, ପଞ୍ଚାନନ ପାଳ, ଶୂଳପାଣି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ ।

## ଭାଜପାର ରକ୍ତଦାନ ଶିବିର

ପୁରୁଷୋତ୍ତମପୁର, ୨୮।୮ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ନରସିଂହ ଦାଶ ହାଇସ୍କୁଲ ପରିସରରେ ରବିବାର ରକ୍ତଦାନ ଶିବିର ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦ୍ୱୈତାରୀ ବେହେରା, ଶୁଭ୍ରାଂଶୁ ଶେଖର ସାବତ, ଦୀପକ ପାତ୍ର, ଜିଲା ଜୀବନବିନ୍ଦୁ କାର୍ଯ୍ୟକ୍ରମର ସଂଯୋଜକ ସୁବାସ ମହାରଣା, ଜଗନ୍ନାଥ ସାବତ, ପୁରୁଷୋତ୍ତମପୁର ଏନ୍ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼, ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ଯୁବ ବିଜେଡି ସଭାପତି ମନୋଜ କୁମାର ଗୌଡ଼, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ପ୍ରେମାନନ୍ଦ ସାହୁ, କାଉନସିଲ ଅର୍ଚ୍ଚନା ପଣ୍ଡା, ଅଶୋକ କୁମାର ମହାଙ୍କୁଡ, ଭାସ୍କର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ବ୍ଲଡ୍ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ୮୦ ସ୍ୱେଚ୍ଛା ସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

ପାରଳାଖେମୁଣ୍ଡି,୨୮।୮(ଡି.ଏନ୍.ଏ.)



ଉପସ୍ଥିତ ଖେଳାଳୀ।

ପାରଳାଖେମୁଣ୍ଡି ଠାରେ ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବକ ଖବରଦାତା ଓ ପୌର ପ୍ରଶାସନ ମଧ୍ୟରେ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଶତାୟୁ ପାରଳାଖେମୁଣ୍ଡି ପୌରିଷଦରେ ଅଗଷ୍ଟ ୩୧ରେ ପାଳନ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ପାଳନ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ହେଉଥିବା ବେଳେ ରବିବାର ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଖବରଦାତାମାନଙ୍କ ପକ୍ଷରୁ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ମୋଟ ୭୩ ରନ ସଂଗ୍ରହ କରିଥିଲେ। ସର୍ବାଧିକ ଦିଲୀପ କୁମାର ଶତପଥୀ ୨୨ରନ କରିଥିବା ବେଳେ ଲୋକ ନାଥ ପଣ୍ଡା ୧୧ରନ କରିଥିଲେ। ପୌରପରିଷଦ ମାତ୍ର ୩ ଉଇକେଟ ହରାଇ ୭୪ ରନ ସଂଗ୍ରହ କରି ବିଜୟ ହୋଇଥିଲା। ପୌର ପରିଷଦ ତରଫରୁ କ୍ରାନ୍ତି ସର୍ବାଧିକ ୨୫ରନ ହାସଲ କରିଥିବା ବେଳେ ସନ୍ଦୀପ ୧୨ ରନ କରିଥିଲେ। ଖବଦାତା ମାନଙ୍କ ପକ୍ଷରୁ ଦିଲୀପ କୁମାର ଶତପଥି ଗୋଟିଏ ଏବଂ ଲୋକନାଥ ପଣ୍ଡା ଗୋଟିଏ ଲେଖାଏଁ ଉଇକେଟ ହାସଲ କରିଥିବା ବେଳେ ପୌରପରିଷଦ ପକ୍ଷରୁ ମାଦିନା ସର୍ବାଧିକ ୩, ବିରଞ୍ଚି ୨, ଉମା ଏବଂ ବାବୁନା ଗୋଟିଏ ଉଇକେଟ ହାସଲ କରିଥିଲେ। ପୌର ପରିଷଦ ପକ୍ଷରୁ କର୍ମଚାରୀ, କାଉନସିଲରମାନେ ଖେଳିଥିଲେ। ଏଥିରେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ନିର୍ବାହୀ ଅଧିକାରୀ ଜୁବୁଲୀଚରଣ ବେହେରାଙ୍କ ସମତେ ପୌରଯନ୍ତ୍ରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

